**ସଚେତନତା ସପ୍ତାହ ପାଳନ**

# ଦୁର୍ନୀତି ଏକ ସାମାଜିକ ବ୍ୟାଧି



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ପ୍ରଶାସନିକ ଅଧିକାରୀମାନେ।

**ଢେଙ୍କାନାଳ,୨୮।୧୦(ରତନ ନାୟାର)**

ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଜିଲା କାର୍ଯ୍ୟାଳୟର ଓସୱାନ ସମ୍ମିଳନୀ କକ୍ଷଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରରୁ ସିଧା ପ୍ରସାରଣ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଜିଲାପାଳ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଏହାପରେ ଜିଲାପାଳ ଜିଲାର ସମସ୍ତ ଅଧିକାରୀଙ୍କୁ ଆଭାସୀ ମାଧ୍ୟମରେ ଶପଥପାଠ କରାଇବା ସହିତ ଦୁର୍ନୀତିକୁ ଏକ ସାମାଜିକ ବ୍ୟାଧି ବୋଲି ବର୍ଣ୍ଣନା କରିଥିଲେ।

ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶ ଓ ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି। ଏହି ଅବସରରେ ସୋମବାର ପୂର୍ବାହ୍ନ ୧୦ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟବାସୀଙ୍କୁ ଦୁର୍ନୀତି ନିବାରଣ ଶପଥପାଠ କରାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦୁର୍ନୀତି ହେଉଛି ବିକାଶ ପଥର ମୁଖ୍ୟ ବାଧକ। ତେଣୁ ସମ୍ମିଳିତ ଭାବେ ରାଜ୍ୟର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରି ବିକାଶ ପଥରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତିଭୂମି ପ୍ରସଙ୍ଗ ଆଧାରରେ ଜିଲାରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗୀୟ, ଉପ ବିଭାଗୀୟ, କାର୍ଯ୍ୟାଳୟ ମୁଖ୍ୟ, ସରକାରୀ ମୁଖ୍ୟ, ମୁଖ୍ୟ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ସମସ୍ତ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜିଲାପାଳ ସାଧୁତାର ଶପଥପାଠ କରାଇଥିଲେ। ଦୁର୍ନୀତି ନିବାରଣ ନିର୍ଯ୍ୟାଶ ମାଧ୍ୟମରେ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହେଉଛି। ପ୍ରତିଯୋଗିତାରେ ଜିଲାରୁ ଜିତିଥିବା ଛାତ୍ରୀଛାତ୍ରମାନଙ୍କୁ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ପାଳନ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ଓ ଆଭାସୀ ମାଧ୍ୟମରେ ଜିଲାର ବିଭିନ୍ନ ବ୍ଲକର ଉନ୍ନୟନ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ କୁସ୍ତି ମନୋନୀତ ଖେଳାଳିଙ୍କୁ ଆର୍ଥିକ ସହାୟତା


ଜାତୀୟସ୍ତରକୁ ମନୋନୀତ ହୋଇଥିବା ଖେଳାଳି ବିଶ୍ୱଜିତ୍ ନାଏକଙ୍କୁ ସହାୟତା ପ୍ରଦାନ କରାଯାଉଛି।

**ଢେଙ୍କାନାଳ,୨୮।୧୦(ରତନ ନାୟାର)**

ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଅନୁଷ୍ଠିତ ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କୁସ୍ତି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟସ୍ତରକୁ ମନୋନୀତ ହୋଇଥିବା ଉଦୟନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନାଥୁଆର ଖେଳାଳି ବିଶ୍ୱଜିତ୍ ନାଏକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ-୬୫ର କର୍ପୋରେଟର ରଶ୍ମିରଞ୍ଜନ ପାଟସାହାଣୀ ୧୦ ହଜାର ଟଙ୍କା, ଶ୍ରୀ ଭୂଲକ୍ଷ୍ମୀ ରିୟଲକନ୍ ପ୍ରା.ଲିଃ.ର ପ୍ରୋପ୍ରାଇଟର ଅତିଶ୍ କୁମାର ମାର୍ଥା ୧୦ ହଜାର ଟଙ୍କା ଓ ଢେଙ୍କାନାଳ ମମତା ମଣ୍ଡପର ପ୍ରୋପ୍ରାଇଟର ସୀତୀକାନ୍ତ ପଟ୍ଟନାୟକ ୫ ହଜାର ଟଙ୍କା ବିଶ୍ୱଜିତ୍ ନାଏକଙ୍କୁ ସାହାଯ୍ୟ କରିଛନ୍ତି। ଆସନ୍ତା ନଭେମ୍ବର ୧ ତାରିଖରେ ଉତ୍ତର ପ୍ରଦେଶ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ବିଶ୍ୱଜିତ୍ ନାଏକ ଭାଗ ନେବାକୁ ଯାଉଛନ୍ତି। ଆର୍ଥିକ ସହାୟତା ପ୍ରଦାନ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ମିଶ୍ର, କୋଚ ଆର୍ଯ୍ୟରତ୍ନ ଦେବାୟନ ପଟ୍ଟନାୟକ, ପରିଚାଳକ ପୁରୁଷୋତ୍ତମ ମାହନ୍ତ, ସହ ପରିଚାଳକ ଅଭୟ କୁମାର ଦେହୁରୀ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ‘ଲାଞ୍ଚ ଦିଅନାହିଁ କି ନିଅନାହିଁ’

**ଢେଙ୍କାନାଳ,୨୮।୧୦(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରିୟ ଓ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଦୁର୍ନୀତି ନିବାରଣ ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରିୟର ନିର୍ଦ୍ଦେଶକ ଲାଞ୍ଚ ଦିଅନାହିଁ କି ଲାଞ୍ଚ ନିଅନାହିଁ ଶପଥପାଠ ବାର୍ତ୍ତା ପଠନ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ସାହିଲ ଆଫ୍ରିଦ୍, ଇଲନପ୍ରଭା ସେନାପତି, ସୌଭାଗ୍ୟଲକ୍ଷ୍ମୀ ତରାଇ, ସ୍ୱାଗତିକା ରାଉତ, ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, କୁସୁମିତା ବାଗ, ପର୍ଶୁରାମ ଦାସ ଓ ପ୍ରକାଶ ସାମଲ ପ୍ରମୁଖ ପରିଚାଳନା କରିଥିଲେ।



ଦୁର୍ନୀତି ନିବାରଣ ଦିବସ ପାଳନ କରାଯାଉଛି।

# ଇନ୍ଦିପୁରରେ ଲକ୍ଷ୍ମୀପୂଜା ଭସାଣି ଉତ୍ସବ

**ଢେଙ୍କାନାଳ,୨୮।୧୦(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା। ଗ୍ରାମରେ କୁମାର ପୂର୍ଣ୍ଣିମାଠାରୁ ଲକ୍ଷ୍ମୀପୂଜା ଉତ୍ସବ ଆରମ୍ଭ ହୋଇଥିଲା। ପ୍ରତି ମଣ୍ଡପର ମେଢ଼ଗୁଡ଼ିକ ନୂଆସାହି ଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ଉପର ନୂଆସାହି ଦେଇ ବରଷଘରିଆ, ତଳ ନୂଆସାହି ଦେଇ ଗୋଡ଼ିପୋଖରୀ, ମଣିଆ ପୋଖରୀ, ଗୋହିଆ ପୋଖରୀ ଏବଂ ଖଣ୍ଡିଆ ପୋଖରୀରେ ବିସର୍ଜନ ହୋଇଥିଲା। ଗ୍ରାମର ରାଜପୃଷ୍ଟି ମେଢ, କଂସାରୀ ସାହି, ତେରଘରିଆ, ତନ୍ତିସାହି, ବସ୍‌ଷ୍ଟାଣ୍ଡ, ମଠସାହି, ଚନ୍ଦନ ମଣ୍ଡପ ସାହି, ଘଣାଶାଳ ସାହି, ବଉଳ ଛକ, ଉପର ନୂଆସାହି(ଖ), ଉପର ନୂଆସାହି(ଗ), ଲୁଣି, କଲେଜ ଛକ, ସୁବର୍ଣ୍ଣ ସାହି, ଯୁଆଙ୍ଗ ସାହି ଓ ଶବରସାହି ମେଢ଼ଗୁଡ଼ିକ କ୍ରମାନ୍ୱୟ ଭାବେ ଭସାଣି ଶୋଭାଯାତ୍ରାରେ ଯାଇଥିଲା। ବାଦ୍ୟ, ସଙ୍ଗୀତ, ନୃତ୍ୟ, ଅଘୋରୀ ନାଚ, କଣ୍ଢେଇ ନାଚ ଆଦି ଶୋଭାଯାତ୍ରାରେ ପ୍ରମୁଖ ଆକର୍ଷଣ ହୋଇଥିଲା। ମିଳିତ ପୂଜା କମିଟିର ସମସ୍ତ ସଦସ୍ୟ, ସଦର ଥାନା ପୋଲିସ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାରେ ଏହା ଆୟୋଜିତ ହୋଇଥିଲା।



ଇନ୍ଦିପୁରରେ ଲକ୍ଷ୍ମୀପୂଜା ଭସାଣି ଉତ୍ସବରେ ସାମିଲ ହୋଇଥିବା ମେଢ଼।

# ଦୁର୍ନୀତିକୁ ପ୍ରଶ୍ରୟ ନ ଦେବାକୁ ଶପଥ ପାଠ

**କାମାକ୍ଷାନଗର,୨୮।୧୦ (ସୁଧୀର କୁମାର ପରିଡା)**




ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଭୁବନେଶ୍ୱରଠାରୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତି ମୁକ୍ତ ହୋଇ ଲୋକଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ବିଡିଓ ଅବିନାଶ ପାଣ୍ଡିଆ, ତହସିଲଦାର ପ୍ରିୟବ୍ରତ ଦାଶ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ସହକାରୀ ଜିଲାପାଳ ଦୀପକ ମିଶ୍ର ଓ ଅନ୍ୟ ପ୍ରମୁଖ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା ପାଇଁ ଶପଥ ପାଠ କରିଥିଲେ। ସେହିପରି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଠାରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ବିଜୟ କୁମାର ସେଠୀ, ଅଚ୍ୟୁତାନନ୍ଦ ମଲ୍ଲିକଙ୍କ ସମେତ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କୁ ନେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି।

# କର୍ତ୍ତବ୍ୟରେ ଅବହେଳା ସବୁଠୁ ବଡ଼ ଦୁର୍ନୀତି

**ଓଡ଼ାପଡ଼ା, ୨୮।୧୦(ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। ଅଧ୍ୟକ୍ଷ ଡ.ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଅତିଥି ଭାବେ ପ୍ରାଧ୍ୟାପକ ଡ.ତପନ କୁମାର ପଣ୍ଡା, ଅଧ୍ୟାପକ ନୀଳକଣ୍ଠ ଦାସ ଓ ଡ.ଦେବାନନ୍ଦ ଦାସ ଯୋଗ ଦେଇଥିଲେ। କର୍ତ୍ତବ୍ୟରେ ଅବହେଳା କରିବା ସବୁଠାରୁ ବଡ଼ ଦୁର୍ନୀତି ବୋଲି ସଭାପତି ପ୍ରଧାନ ନିଜ ଅଭିଭାଷଣରେ କହିବା ସହ ପ୍ରାଧ୍ୟାପକ ପଣ୍ଡା ପ୍ରତ୍ୟେକ ନାଗରିକ ନିଷ୍ଠା ଓ ସଚ୍ଚୋଟତାର ସହିତ କାର୍ଯ୍ୟ କଲେ ଦେଶରୁ ଦୁର୍ନୀତି ଦୂର କରାଯାଇପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ନୀଳକଣ୍ଠ ଦାସ ଦୁର୍ନୀତି ନିବାରଣ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହ ଦେବାନନ୍ଦ ଦାସ ଉପସ୍ଥିତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।




# ଧରିତ୍ରୀ ଜୁଏଲର୍ସରେ ଧନତେରସ୍ ଭିଡ଼



**ତାଳଚେର,୨୮।୧୦(ମନୋଜ ନନ୍ଦ)**

ହଲମାର୍କଯୁକ୍ତ ଗହଣା, ଶୁଦ୍ଧତା, ଉଚିତ ମୂଲ୍ୟ ପାଇଁ ଅନୁଗୋଳ ଜିଲା ତାଳଚେର ହାଟତୋଟାସ୍ଥିତ ଧରିତ୍ରୀ ଜୁଏଲର୍ସ ବେଶ୍ ଜଣାଶୁଣା। ଧନତେରସ୍ ପାଇଁ ନୂତନ ଡିଜାଇନର ସୁନା ଗହଣା, ରୁପା ଅଳଙ୍କାର ଭରପୂର ଥିବାରୁ ଏଠାରେ ଗ୍ରାହକମାନଙ୍କ ଭିଡ଼ ବଢ଼ିବାରେ ଲାଗିଛି। ଦୀର୍ଘବର୍ଷର ବ୍ୟବସାୟ ମଧ୍ୟରେ ଧରିତ୍ରୀ ଜୁଏଲର୍ସ ତାହାର ଗ୍ରାହକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିସାରିଛି। ନୂଆ ନୂଆ ଡିଜାଇନ, ଗୁଣବତ୍ତା ଓ ଉତ୍ତମ ବ୍ୟବହାର ଯୋଗୁ ଗ୍ରାହକମାନଙ୍କ ମନ ଛୁଇଁପାରିଥିବା ଏହାର ସ୍ୱତ୍ତ୍ୱାଧିକାରୀ ପ୍ରଦୀପ କୁମାର ପୃଷ୍ଟି କହିଛନ୍ତି। ଗ୍ରାହକଙ୍କ ଶୁଭେଚ୍ଛା ଓ ଆଶୀର୍ବାଦ ଯୋଗୁ ଧରିତ୍ରୀ ଜୁଏଲର୍ସ ଆଗେଇପାରିଛି। ବିବାହ, ବିଭିନ୍ନ ପର୍ବପର୍ବାଣି ପାଇଁ ଏଠାରେ ସୁନା ଓ ରୁପା ଅଳଙ୍କାର ଭରପୂର ରହିଛି ବୋଲି ସ୍ୱତ୍ତ୍ୱାଧିକାରୀ ପୃଷ୍ଟି ପ୍ରକାଶ କରିଛନ୍ତି।

# ୧୫ରୁ ଅନନ୍ତଶୟନ ବାଲିଯାତ୍ରା ଲୋକମହୋତ୍ସବ

**ପରଜଙ୍ଗ,୨୮।୧୦(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ଅନନ୍ତଶୟନଠାରେ ଆସନ୍ତା ୧୫ ନଭେମ୍ବର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଲୋକମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ସରାଙ୍ଗ ପୁରୁଣା ଗ୍ରାମସ୍ଥିତ ଐଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷ ଭଳି ଏବର୍ଷ ମଧ୍ୟ ଅନନ୍ତଶୟନଙ୍କ ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ, ବୋଇତ ବନ୍ଦାଣ, ଭଜନ ସନ୍ଧ୍ୟା ଓ ଲୋକମହୋତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଏଥର ନୂତନ ଭାବେ କଟକର ଲୋକପ୍ରିୟ ମେଲୋଡି ଗ୍ରୁପକୁ ସ୍ଥାନିତ କରାଯାଇଛି। ଏହି ବୈଠକରେ ଲୋକମହୋତ୍ସ ସଭାପତି ସୁଶାନ୍ତ କୁମାର ସିଂହ, ପୂର୍ବତନ ଗ୍ରାମ ସଭାପତି ରାମାନନ୍ଦ ସିଂହ, ପୂର୍ବତନ କୋଷାଧ୍ୟକ୍ଷ ହୃଦାନନ୍ଦ ବେହେରା, ବର୍ତ୍ତମାନର ସଭାପତି ରାଜେନ୍ଦ୍ର କୁମାର ସିଂହ, ସମ୍ପାଦକ ସନ୍ତୋଷ କୁମାର ସିଂହ ତଥା ପୁରୁଣା ଗ୍ରାମବାସୀଙ୍କ ସମେତ ଅନନ୍ତଶୟନ ବାଲିଯାତ୍ରା ଲୋକମହୋତ୍ସବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଲକ୍ଷ୍ମୀ ହୋଣ୍ଡା ତରଫରୁ ସ୍କ୍ରାଚ ଆଣ୍ଡ ୱିନ ଅଫର

**ଅନୁଗୋଳ,୨୮।୧୦ (ଜ୍ୟୋତିରଞ୍ଜନ ସାହୁ)**




ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଅନୁଗୋଳସ୍ଥିତ ଲକ୍ଷ୍ମୀ ହୋଣ୍ଡା ଠାରେ ପବିତ୍ର ଧନତେରାସ୍ ଏବଂ ଦୀପାବଳି ଅବସରରେ ସ୍କ୍ରାଚ ଆଣ୍ଡ ୱିନ ଅଫର ରହିଛି। ଏହି ସମୟରେ ଗ୍ରାହକମାନେ ହୋଣ୍ଡାର ଯେକୌଣସି ୨ ଚକିଆ ଗାଡ଼ି କିଣିଲେ ସେଥିରେ ନିଶ୍ଚିତ ଉପହାର ପାଇପାରିବେ। ଏଥିରେ ସ୍ମାର୍ଟଟିଭି, ସ୍ମାର୍ଟୱାଚ, ଭିଆଇପି ଟ୍ରଲି ବ୍ୟାଗ, କଫିସେଟ, ମାଇକ୍ରୋୱେଭ, ଇଲେକ୍ଟ୍ରିକ କ୍ୟାଟିଲ ଓ ବ୍ୟାଗ ଏବଂ ଏହାସହିତ ଗ୍ରାହକମାନେ ମାତ୍ର ୧୧୦୦ ଟଙ୍କା ଡାଉନପେମେଣ୍ଟରେ ହୋଣ୍ଡାର ଗାଡ଼ି ନେଇପାରିବେ। ଏହାସହିତ ଗ୍ରାହକମାନେ ନିଜର ପୁରୁଣା ଗାଡ଼ି ବଦଳାଇ ନୂତନ ହୋଣ୍ଡା ଗାଡ଼ି କ୍ୟାଶ୍ କିମ୍ବା ଫାଇନାନ୍ସ ମାଧ୍ୟମରେ ନେଇପାରିବେ। ପୁରୁଣା ଗାଡ଼ି ଏକ୍ସଚେଞ୍ଜ କଲେ ୨୦୦୦ ଟଙ୍କାର ବୋନସ ସୁବିଧା ମଧ୍ୟ କରାଯାଇଛି। ଏହି ଅବସରରେ ଲକ୍ଷ୍ମୀ ହୋଣ୍ଡା ସ୍ୱତ୍ତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ ଏହି ଅଫରର ଭରପୂର ଲାଭ ଉଠାଇବା ପାଇଁ ଅନୁରୋଧ କରିଥିଲେ। ବର୍ତ୍ତମାନ ଲକ୍ଷ୍ମୀ ହୋଣ୍ଡାରେ ସବୁ ପ୍ରକାର ମଡେଲ ଏବଂ ରଙ୍ଗର ଗାଡି ମହଜୁଦ ଅଛି। ଗ୍ରାହକମାନେ ତୁରନ୍ତ ଗାଡ଼ି ବୁକିଂ କଲେ ସେମାନଙ୍କ ଗାଡ଼ି ଠିକ୍ ସମୟରେ ପାଇପାରିବେ ବୋଲି ସ୍ୱତ୍ତ୍ୱାଧିକାରୀ ଅଗ୍ରୱାଲ କହିଛନ୍ତି।

# ଅନ୍ତିମ ଦିବସରେ କଂସ ନିହତ



**ଖଣ୍ଡହତା-ପିପଲବାହାଲ ଗଜଲକ୍ଷ୍ମୀ ପୂଜା**

ବଉଣ୍ଡା, ୨୮।୧୦ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଖଣ୍ଡହତା-ପିପଲବାହାଲଠାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାର ଅନ୍ତିମ ଦିବସରେ ରବିବାର ଅନୁଷ୍ଠିତ ଧନୁଯାତ୍ରାରେ ମହାରାଜ କଂସ ନିହତ ହୋଇଛନ୍ତି। ଦଶମ ଦିବସରେ କଂସ ଦରବାରରେ ରାଜ ଅତିଥି ଭାବରେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଜିଲା ଭାଜପା ଉପସଭାପତି ତଥା ସାମାଜିକ କର୍ମୀ ଅର୍ଜ୍ଜୁନ କୁମାର ସାହୁ, ବିଜେଡି ଯୁବନେତା ଅରୁଣାଭ ସିଂହ, ପୂଜା କମିଟି ସଭାପତି ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସରସ୍ୱତୀ ଟ୍ୟୁଟୋରିଆଲ ରଣିଆକଟାର ଛାତ୍ରୀଛାତ୍ରୀଙ୍କ ସମେତ ଆଦ୍ୟାଶ୍ରେଷ୍ଠା ରାଉତରାୟ, ସୃତି ସ୍ୱରୂପା ସାହୁ, ଅର୍ପିତା ପ୍ରିୟଦର୍ଶିନୀ ସାହୁ ଓ ସ୍ମୃତିମୟୀ ପ୍ରଧାନ ପ୍ରମୁଖ ଶିଶୁ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନକୁ ଛୁଇଁପାରିଥିଲା। ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ। ଧନୁଯାତ୍ରାର ଅନ୍ତିମ ଦିବସରେ ପୂଜାକମିଟି ତରଫରୁ କଂସ ଭୂମିକାରେ ଅଭିନୟ କରୁଥିବା ଝସକେତନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଲକ୍ଷ୍ମୀ କ୍ଲଥ ଷ୍ଟୋରର ସ୍ୱତ୍ତ୍ୱାଧିକାରୀ ସତ୍ୟଭାମା ସାହୁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦୂଷକ ଭୂମିକାରେ ନିଖୁଣ ଅଭିନୟ ପାଇଁ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ଓ ସମାଜସେବା ପାଇଁ ଜିତେନ୍ଦ୍ର ମାଝୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ଅବସରରେ ଆଞ୍ଜା ଲଡୁ ଲଟେରି ମାଧ୍ୟମରେ ଉଠାଣ କରାଯାଇଥିଲା। ବିଲେଇନାଳୀ ଗ୍ରାମର ସୁଶୀଲ କୁମାର ସାହୁ ଲଟେରି ବିଜେତା ଭାବରେ ଆଞ୍ଜାଲଡୁ ଗ୍ରହଣ କରିଥିଲେ। ଏହି ଅବସରରେ ଘୋଷର ଗ୍ରାମରେ ଗୋପପୁରର କୃଷ୍ଣ ବଳରାମଙ୍କ ବାଲ୍ୟଲୀଳାର ସୁନ୍ଦର ପରିଚାଳନା ପାଇଁ ବିପିନ ବିହାରୀ ପ୍ରଧାନ, ରଣଜିତ ସାହୁ, ହୃଦାନନ୍ଦ ପ୍ରଧାନ, ସରୋଜ କୁମାର ସାହୁ, ଅରୁଣ କୁମାର ସାହୁ, ନରହରି ପ୍ରସାଦ, ନିରଞ୍ଜନ ସାହୁ, ଗଣେଶ୍ୱର ପ୍ରଧାନ, ଈଶ୍ୱର ପ୍ରଧାନ, ଯୁମର ପ୍ରଧାନ, ଅରକ୍ଷିତ ପ୍ରଧାନ, ରୂପେଶ ସାହୁ, ହର୍ଯ୍ୟାକ୍ଷ ବାଘ ପ୍ରମୁଖ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବର ସଫଳତା ପାଇଁ ପୂଜା କମିଟି ସମ୍ପାଦକ ସୁଧା ସାଗର ପ୍ରଧାନ, ସଭାପତି ପ୍ରଦୀପ ପ୍ରଧାନ ଓ କୋଷାଧ୍ୟକ୍ଷ ଅଖିଳ କୁମାର ପ୍ରଧାନ ଧନ୍ୟବାଦ ଜଣାଇଥିଲେ।

## ରାସ୍ତା କାର୍ଯ୍ୟରେ ଦୁର୍ନୀତି ନେଇ ଉପଜିଲାପାଳଙ୍କୁ ଅଭିଯୋଗ

ତାଳଚେର, ୨୮।୧୦ (ମନୋଜ ନନ୍ଦ)

ତାଳଚେର ବ୍ଲକର ଡଆଁରା ପଞ୍ଚାୟତରୁ କର୍ଣ୍ଣପୁର ପଞ୍ଚାୟତକୁ ଯୋଡୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ସହ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ତାଳଚେର ବ୍ଲକର ପୂର୍ବତନ ଅଧ୍ୟକ୍ଷ ବୃନ୍ଦାବନ ବେହେରା ଏ ସଂକ୍ରାନ୍ତରେ ଉପଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ ଦର୍ଶାଇଛନ୍ତି, ଉକ୍ତ ରାସ୍ତାରେ ପ୍ରାୟତଃ ୪ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନିମ୍ନମାନର ବୋଲି ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ୨ ବର୍ଷ ପୂର୍ବରୁ ଉକ୍ତ ରାସ୍ତାରେ ଡିଏମ୍ଏଫ୍ ଏବଂ ଜିଲାପରିଷଦ ଫଣ୍ଡ ମଧ୍ୟ ଖର୍ଚ୍ଚ କରାଯାଇଥିଲା। ତେଣୁ ରାସ୍ତା କାର୍ଯ୍ୟର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଥିବା ପୂର୍ବତନ ଅଧ୍ୟକ୍ଷ ଉପ ଜିଲାପାଳଙ୍କୁ ଭେଟି ଅବଗତ କରାଇଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ବେହେରା ପ୍ରକାଶ କରିଛନ୍ତି ।

## ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ



ନୂଆ ନିର୍ବାହୀ ଅଧିକାରୀଙ୍କୁ ନଗରପାଳ ସ୍ୱାଗତ କରୁଛନ୍ତି।

ତାଳଚେର, ୨୮।୧୦ (ମନୋଜ ନନ୍ଦ)

ତାଳଚେର ପୌର ପରିଷଦରେ ନୂତନ ନିର୍ବାହୀ ଅଧିକାରୀ ଭାବେ ତେଜସ୍ୱିନୀ ବେହେରା ଯୋଗଦାନ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ବେହେରା ତାଳଚେରରେ ପହଞ୍ଚି ବିଦାୟୀ ନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ନଗରପାଳ ପବିତ୍ର ଭୂତିଆ ତାଳଚେର ପୌରାଞ୍ଚଳବାସୀଙ୍କ ପକ୍ଷରୁ ନୂତନ ନିର୍ବାହୀ ଅଧିକାରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ନଗରପାଳଙ୍କ ସହିତ କାଉନସିଲର ଆସିଫ ଖାଁ, ଯଶୋବନ୍ତ ମିଶ୍ର, ଜଗନ୍ନାଥ ଗଡ଼ନାୟକ, ଜିତେନ୍ଦ୍ର ଭୂତିଆ, ମମତା ରାଉତ ପ୍ରମୁଖ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ତାଳଚେର ପୌରାଞ୍ଚଳରେ ନିର୍ମାଣାଧୀନ ବିଭିନ୍ନ କାର୍ଯ୍ୟ ଓ ତାଳଚେରର ପୁରାତନ କୀର୍ତ୍ତିରାଜି ଫାଷ୍ଟ ଗେଟ୍‌ର ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ନଗରପାଳ ଭୂତିଆ ଅବଗତ କରାଇଥିଲେ। ଆଗକୁ ତାଳଚେର ସହରକୁ କିପରି ଆବର୍ଜନାମୁକ୍ତ କରାଇ ଅଧିକ ବିକାଶ କରାଯିବ ସେ ସମ୍ପର୍କରେ ଆଲୋଚନା କରିବା ପାଇଁ ନୂତନ ଅଧିକାରୀ ବେହେରା ପ୍ରକାଶ କରିଥିଲେ।

# ଛେଣ୍ଡିପଦାରେ ୩୧୬ ଅଭିଯୋଗର ଶୁଣାଣି



ଛେଣ୍ଡିପଦା, ୨୮।୧୦ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଗୋଳ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅଭିଯୋଗଗୁଡିକର ଶୁଣାଣି ହୋଇଥିଲା। ବିଡିଓ ତ୍ରିବିକ୍ରମ କୁମରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଛେଣ୍ଡିପଦା ବ୍ଲକର ୩୪ ପଞ୍ଚାୟତରୁ ୩୧୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗପତ୍ରକୁ ଗ୍ରହଣ କରାଯିବା ସହ ଯଥାଶୀଘ୍ର ଅଭିଯୋଗର ଫଇସଲା କରାଯିବା ପାଇଁ ଅତିରିକ୍ତ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଦାଖଲ ହୋଇଥିବା ଅଭିଯୋଗ ମଧ୍ୟରୁ ୪ଟିର ତୁରନ୍ତ ଫଇସଲା କରାଯାଇଥିଲା। ସେହିପରି ୨ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି, ଜିଲାମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଅନୁଗୋଳ ଉପଜିଲାପାଳ ବରେଣ୍ୟେନ୍ଦୁ ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଛେଣ୍ଡିପଦା ତହସିଲଦାର ସୁକାନ୍ତ କୁମାର ସାହୁ, ଡେପୁଟି କଲେକ୍ଟର ଶୁଭେନ୍ଦୁ ଜେନା, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସୌର ବାଡ଼ ନିର୍ମାଣ ଦାବିରେ ଆନ୍ଦୋଳନ**

# ହାତୀ ଆକ୍ରମଣରେ ବୃଦ୍ଧ ମୃତ



ଅନୁଗୋଳ, ୨୮।୧୦ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ବନାଞ୍ଚଳ ଛୋଟକେଇ ଗାଁରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଛୋଟକେଇ ଗାଁର ସତିଆ ଧଳ (୬୫) ଫସଲ ଜଗିବାକୁ ବିଲ ନିକଟ ମଞ୍ଚା ଉପରେ ବସିଥିବା ବେଳେ ଏକ ହାତୀ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ ସହ ଜଣକୁ ନିଯୁକ୍ତି, ଜଙ୍ଗଲୀଜନ୍ତୁ ବିଶେଷକରି ହାତୀ ଉପଦ୍ରବରୁ ଧନଜୀବନକୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ଗାଁ ଚତୁଃପାର୍ଶ୍ୱରେ ସୌରବାଡ଼ ସହ ଗାଁକୁ ରାସ୍ତା ନିର୍ମାଣ ଆଦି ଦାବିନେଇ ସ୍ଥାନୀୟ ଲୋକେ ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ପୁରୁଣାକୋଟ ରେଞ୍ଜ ଅଧିକାରୀ, ସାତକୋଶିଆ ଏସିଏଫ୍, ପୁରୁଣାକୋଟ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ପାରି ନ ଥିଲେ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ୧୧ ଦଫା ଦାବିପତ୍ର

ଅନୁଗୋଳ, ୨୮।୧୦ (ମାନସ ବିଶ୍ୱାଳ)



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଆମ୍ବୁଲାନ୍ସ କର୍ମଚାରୀମାନେ।

ଅନୁଗୋଳ ଜିଲାରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ୧୧ ଦଫା ଦାବି ନେଇ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘରେ କାର୍ଯ୍ୟରତ କର୍ମଚାରୀ ବିଗତ ୨୦୧୩ ମସିହା ଠାରୁ ଠିକା ସଂସ୍ଥା (ଚିକିତ୍ସା ହେଲଥ କେୟାର ଲିମିଟେଡ) ଦ୍ୱାରା ପରିଚାଳିତ ହୋଇଥିବା ୧୦୮ ଆମ୍ବୁଲାନ୍ସରେ ନିଷ୍ଠାପୂର୍ଣ୍ଣ ଓ ନିଃସ୍ୱାର୍ଥପର ଭାବରେ ସେବା ଯୋଗାଇ ଆସୁଛନ୍ତି। ଅକ୍ଟୋବର ୨୧ ଠାରୁ ଅନ୍ୟ ଏକ ଠିକା ସଂସ୍ଥା ନୂତନ ଦାୟିତ୍ୱ ଗ୍ରହଣ କରିଛି। ଅଲ ଓଡ଼ିଶାରେ ୨୦୦ କର୍ମଚାରୀଙ୍କୁ କାର୍ଯ୍ୟ ଦେଇନାହିଁ। ଫଳରେ ସମସ୍ତ କର୍ମଚାରୀ ନିଜ ଜିଲାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୩୦ ତାରିଖ ଭିତରେ ଯଦି ଦାବି ପୂରଣ ନ ହୁଏ ତାହେଲେ ଜିପିଏସକୁ ବନ୍ଦ କରି ରୋଗୀ ସେବା କରିବେ। ତା' ପରେ ବି ଯଦି ସରକାର ଦାବି ପୂରଣ ନ କରନ୍ତି ତା ହେଲେ ଆସନ୍ତା ନଭେମ୍ବର ଆରମ୍ଭରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଯାହା ସମସ୍ୟା ହେବ ସେଥିପାଇଁ ଜିଲା ପ୍ରଶାସନ, ରାଜ୍ୟ ସରକାର ଦାୟୀ ରହିବେ ବୋଲି କହିଛନ୍ତି।

# ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକସଭା

ତାଳଚେର, ୨୮।୧୦ (ମନୋଜ ନନ୍ଦ)




ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଶିକ୍ଷାବିତ୍ ଡ. ନିମାଇଁ ଚରଣ ପ୍ରଧାନଙ୍କ ବିୟୋଗରେ ମହାବିଦ୍ୟାଳୟର ଇତିହାସ ବିଭାଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗର ମୁଖ୍ୟ ଡ. କୁନ୍ତଳା ସୋଏ ଅଧ୍ୟକ୍ଷତା କରିଥିଲେ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡ. ସୋଏ ତାଙ୍କ ଅନୁଭୂତି ପ୍ରକାଶ କରୁଥିବା ବେଳେ କୋହ ସମ୍ବରଣ କରିପାରି ନ ଥିଲେ। ପୁରାତନ ଛାତ୍ର ଶିଶିର କୁମାର ସାମଲ ଯୋଗଦେଇ ସ୍ୱର୍ଗତ ପ୍ରଧାନ ଛାତ୍ର ବତ୍ସଳ, ସ୍ପଷ୍ଟବାଦୀ, ସୁସଙ୍ଗଠକ ଥିଲେ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦେବିପ୍ରସାଦ ମିଶ୍ର, ସନାତନ ସାମଲ, ଉପେନ୍ଦ୍ର ପରିଡ଼ା, ବିକାଶ ପଟ୍ଟନାୟକ ପ୍ରମୁଖ ପ୍ରେରଣ କରିଥିବା ଶୋକବାର୍ତ୍ତାରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ଉଲ୍ଲେଖ କରିଥିଲେ। ଅଧ୍ୟାପିକା ଶାନ୍ତି ବୁଡେକ, ରାଜଶ୍ରୀ ବେରିହା, ପୁରାତନ ଛାତ୍ର ରାଜେଶ ବେହେରା, ସୁନୀଲ ମହାନ୍ତି, ସୁଦୀପ୍ତ ଗଡ଼ନାୟକ, ଛାତ୍ରୀ ସରିତା ଗାୟନ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ପ୍ରଥମ ପୃଷ୍ଠାରୁ**

## ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୮ କୋଟି ପାଇଁ...

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

# ଶପଥ ନେଲେ ଅଧିକାରୀ, କର୍ମଚାରୀ

ଅନୁଗୋଳ, ୨୮।୧୦ (ମାନସ ବିଶ୍ୱାଳ)




ଅନୁଗୋଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ୨୮ ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ସମାଜର ବିଭିନ୍ନ କ୍ଷେତ୍ରରୁ ଦୁର୍ନୀତି ହଟାଇ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଏଥିରେ ସଚେତନତା ସୃଷ୍ଟି କରିବାକୁ ନେଇ ଆରମ୍ଭ ହୋଇଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଅଧିକାରୀ ଓ କର୍ମଚାରୀମାନେ ଶପଥ ନେଇଛନ୍ତି। ଚଳିତବର୍ଷର ବାର୍ତ୍ତା ହେଉଛି ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି। ସମାଜର ପ୍ରତ୍ୟେକସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତେ ଆଗେଇ ଆସିବା ସହ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରି ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଲୋକସେବା ଭବନରେ ଭିଡିଓ କନଫରେନ୍ସ ମାଧ୍ୟମରେ ଶପଥ ପାଠ କରାଇଥିଲେ। ଅନୁଗୋଳ ଜିଲାରେ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଯୋଗଦେଇ ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲପାଳ ପ୍ରତାପ ପ୍ରୀତିମୟ, ଆଇଏଏସ୍ ପ୍ରୋବେସନରୀ ତେଜସ୍ୱିନୀ ବେହେରା, ଡେପୁଟି କେଲେକ୍ଟର(ନିର୍ବାଚନ) ମମତା ପ୍ରଧାନ, ଭିଜିଲାନ୍ସ ଇନ୍‌ସପେକ୍ଟର ଉର୍ମିଳା ଲାକ୍ରା, ସହକାରୀ ଜିଲାପାଳ ସୌଭାଗ୍ୟ ମହାନ୍ତି, ଜିଲା ସମାଜମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ, ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ଶିବାଶିବ କାନୁନ୍‌ଗୋ, ସହକାରୀ ଜିଲାପାଳ ପ୍ରତାପ ହରି ପ୍ରଧାନ, ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦେବାଶିଷ ସାହୁଙ୍କ ସମେତ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜିଲାର ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ, ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

